# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 9 February - 2026

**********************************

## ମୁଖ୍ୟ ସମ୍ବାଦ

- ପରୀକ୍ଷା ବ୍ୟତୀତ ଜୀବନ କୌଶଳ, କ୍ରୀଡ଼ା, ସୃଜନଶୀଳତା ଏବଂ ଆତ୍ମବିକାଶ ଉପରେ ଧ୍ୟାନ ଦେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ
- ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ହେବ ଆରମ୍ଭ

– ଆସନ୍ତାକାଲିଠାରୁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପଠାଯିବ ପ୍ରଶ୍ନପତ୍ର

- ଜନତା ଓ ବ୍ୟବସ୍ଥା ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ଲୋକସେବା ଭବନରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ଏବଂ ଜାଗର ଯାତ୍ରା ସମ୍ପର୍କିତ ବୈଠକ ଅନୁଷ୍ଠିତ

# ପରୀକ୍ଷା ପେ’ ଚର୍ଚ୍ଚା

ଶିକ୍ଷା କ୍ଷେତ୍ରରେ ଅଧିକ ନିବେଶ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରେରଣା ଓ ଶୃଙ୍ଖଳା ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଭୟର ସଂଯୋଗ ଜୀବନକୁ ଶୃଙ୍ଖଳିତ କରିଥାଏ। ପରୀକ୍ଷା ବ୍ୟତୀତ ଜୀବନ କୌଶଳ, କ୍ରୀଡ଼ା, ସୃଜନଶୀଳତା ଏବଂ ଆତ୍ମବିକାଶ ଉପରେ ଧ୍ୟାନକେନ୍ଦ୍ରିତ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ଛୋଟ ଛୋଟ ଷ୍ଟାର୍ଟଅପ୍‌ରୁ ସେମାନଙ୍କ ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ଲାଗି ପରାମର୍ଶ ଦେଇଛନ୍ତି। ଛୋଟଛୋଟ ଯୋଜନାଗୁଡ଼ିକ ବୃହତ ପ୍ରକଳ୍ପରେ ପରିଣତ ହେବାର ସମ୍ଭାବନା ରହିଥାଏ । ପାଠପଢ଼ା ଓ ଲକ୍ଷ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଆମ ଜୀବନରେ ମୂଲ୍ୟ ବହନ କରେ । ତେଣୁ ସେ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ ।

ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା ନବମ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ତାମିଲନାଡୁର କୋଏମ୍ବାଟୁର, ଛତିଶଗଡ଼ର ରାୟପୁର, ଗୁଜରାଟ ଦେବମୁଗ୍ରା ଏବଂ ଆସାମର ଗୁଆହାଟୀରେ ପରୀକ୍ଷା ଯୋଦ୍ଧାଙ୍କ ସହ ଭାବ ବିନିମୟ କରିଥିଲେ ।

HS

## ମାଟ୍ରିକ ପ୍ରଶ୍ନପତ୍ର

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ଏ ନେଇ ବୋର୍ଡ ପକ୍ଷରୁ ଆସନ୍ତାକାଲିଠାରୁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ମାଟ୍ରିକ ପ୍ରଶ୍ନପତ୍ର ପଠାଯିବ। ଚଳିତ ବର୍ଷ  ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ଏହାସହ ୩ ହଜାର ୮୨ଟି କେନ୍ଦ୍ରରେ  ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଶ୍ନପତ୍ର ସଂରକ୍ଷଣ ପାଇଁ ୩୨୨ଟି ନୋଡାଲ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ସମସ୍ତ କେନ୍ଦ୍ରରେ ସିସିଟିଭି ସହିତ ପ୍ରଶ୍ନପତ୍ର ରଖିବା ପାଇଁ ଷ୍ଟ୍ରଙ୍ଗରୁମ୍‌ର ବ୍ୟବସ୍ଥା କରାଯାଇଛି। ବିଶେଷ କରି ବୋର୍ଡର କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ଯିବାର ମାର୍ଗ ଏବଂ  ସୁରକ୍ଷିତ ରଖିବା ସ୍ଥାନ ସ୍ଥିର କରାଯାଇଛି। ତେବେ ନକ୍ସଲ ପ୍ରଭାବିତ କନ୍ଧମାଳ ଓ ମାଲକାନଗିରି ଜିଲ୍ଲାର ୧୭ଟି ଥାନାରେ ସୁରକ୍ଷା ଦୃଷ୍ଟିରୁ ପ୍ରଶ୍ନପତ୍ର ରଖାଯିବ ବୋଲି ଶ୍ରୀ ତରାଇ କହିଛନ୍ତି। ପ୍ରଶ୍ନପତ୍ର ଯାଉଥିବା

ଗାଡ଼ିରେ ଜି.ପି.ଏସ୍. ଲଗାଯାଇଛି। ଚଳିତଥର ପରୀକ୍ଷାରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର କରାଯିବ ବୋଲି ବୋର୍ଡ ସଭାପତି କହିଛନ୍ତି।

**- V/O –**

Desk

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶିବିର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ମନ୍ତ୍ରି ପରିଷଦର ସଦସ୍ୟମାନେ ଉପସ୍ଥିତ ରହି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପାଖରେ ପ୍ରତିଟି ନାଗରିକଙ୍କ ସମସ୍ୟା ଗୁରୁତ୍ୱପୂର୍ଣ୍ଣ। ଜନତା ଓ ବ୍ୟବସ୍ଥା ମଧ୍ୟରେ ବ୍ୟବଧାନକୁ ଦୂର କରିବା ପାଇଁ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାଧାରଣ ଜନତାଙ୍କ ସମସ୍ୟା ଓ ଅଭିଯୋଗକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ବିଚାର କରି ସମାଧାନ କରିବା ସରକାରଙ୍କ ମୂଳଲକ୍ଷ୍ୟ। ପ୍ରଶାସନକୁ ସିଧାସଳଖ ଲୋକଙ୍କ ପାଖରେ ପହଁଞ୍ଚାଇବା ସହ ଏକ ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ମାଝୀ କହିଛନ୍ତି।

Kalahandi/Kandhamal

## ଉପମୁଖ୍ୟମନ୍ତ୍ରୀ- କଳାହାଣ୍ଡି ଓ କନ୍ଧମାଳ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଦୁଇଦିନିଆ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଆଉ କିଛି ସମୟ ପରେ ଉପମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲ୍ଲା ଗସ୍ତ କରି ବାଲିଗୁଡ଼ାଠାରେ ସୁଭଦ୍ରା ଶକ୍ତିମେଳାରେ ଯୋଗଦେଇ ସଶକ୍ତ ମହିଳା ଲକ୍ଷପତି ଦିଦିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିବେ। ଏହି ଅବସରରେ ଶ୍ରୀମତୀ ପରିଡ଼ା ଦାରିଙ୍ଗିବାଡ଼ି ଇକୋରିଟ୍ରିଟ୍ ବୁଲି ଦେଖିବା ସହିତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ପର୍ଯ୍ୟଟନ ବିକାଶ ଉପରେ ଆଲୋଚନା କରିବେ ବୋଲ ଆମ ସମ୍ବାଦଦାତା ଜଣାଇଛନ୍ତି। ଆସନ୍ତାକାଲି ଉପମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲ୍ଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାର ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିବା ସହ ଚକାପାଦର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

I&PR

## ମହାପ୍ରଭୁ ଲିଙ୍ଗରାଜ ନୀତିକାନ୍ତି

ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ସମ୍ପନ୍ନ ସହ ଜାଗର ଯାତ୍ରାକୁ ସୁବ୍ୟବସ୍ଥିତ କରିବା ପାଇଁ ଆଜି ଭୁବନେଶ୍ୱର ଲୋକସେବା ଭବନଠାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନ, ପାର୍କିଂ, ଜଳଯୋଗାଣ, ପରିମଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ଏବଂ ଭକ୍ତଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା

କରାଯାଇଛି । ନୀତିକାନ୍ତି ପାଇଁ ସେବାୟତ ସମୂହ, ନିଯୋଗ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଅଗ୍ନିଶମ ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହାପ୍ରଭୁଙ୍କ ଦର୍ଶନଠାରୁ ମହାଦ୍ୱୀପ ଉଠିବା ପର୍ଯ୍ୟନ୍ତ ସମସ୍ତ ଦିଗକୁ ଧ୍ୟାନ ଦେବା ପାଇଁ ମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଭିଡ଼ ଓ ଟ୍ରାଫିକ ପରିଚାଳନା, ମନ୍ଦିରର ଆଖପାଖ ଅଞ୍ଚଳର ସାଜସଜ୍ଜା, ନିୟନ୍ତ୍ରଣ କକ୍ଷ, ସିସିଟିଭି ବ୍ୟବସ୍ଥା ଓ ଗଣମାଧ୍ୟମ ଜରିଆରେ ସିଧାପ୍ରସାରଣ ଉପରେ ବୈଠକରେ ବିସ୍ତୃତଭାବେ ଆଲୋଚନା କରାଯାଇଛି ।

Desk

## ଉଷା ପାଢ଼ି– ଦାୟିତ୍ୱ ଗ୍ରହଣ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ି ଆଜି ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ–ଇଡ୍‌କୋର ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଶ୍ରୀମତୀ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ବୈଠକରେ ଯୋଗଦେଇ ସଂସ୍ଥାରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ, ପ୍ରାଥମିକତା ଏବଂ ରାଜ୍ୟର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରୂପରେଖ ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତି କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା, ଆନ୍ତଃ ବିଭାଗ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଶିଳ୍ପ ଭିତ୍ତିଭୂମି ସହ ଯୋଜନାବଦ୍ଧ

ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ି କହିଛନ୍ତି, ଶିଳ୍ପାଞ୍ଚଳ ଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଏବଂ ସ୍ଥାୟୀ ଭିତ୍ତିଭୂମି ସହ ସୁନିୟୋଜିତ ଶିଳ୍ପ ଟାଉନସିପ୍ ଗଠନ କରାଯିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ସନ୍ତୁଳିତ ଓ ସମନ୍ୱିତ ବିକାଶ ସମ୍ଭବପର ହୋଇପାରିବ।

Ganjam

## ଋଷିକୂଲ୍ୟା ସମ୍ମିଳନୀ

ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନସନ୍ ଯୋଜନା– ଏନ୍.ପି.ଏସ୍ ସମ୍ପର୍କିତ ଏକ ସଚେତନତା ଶିବର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରରୁ ହିସାବ ଅଧିକାରୀ ମନୋରଞ୍ଜନ ସାହୁ ଓ ଅରବିନ୍ଦ ସାହୁ ପ୍ରମୁଖ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରୀୟ ପେନସନ୍ ଯୋଜନା ଖାତା ଖୋଲିବା, ଅଂଶଧନ ଜମା, ସଂଶୋଧନ ପ୍ରକ୍ରିୟା, ଅଭିଯୋଗ ନିରାକରଣ ଏବଂ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା।

Boudh

## ଉପଦେଷ୍ଟା ମଣ୍ଡଳୀ ବୈଠକ

ବୌଦ୍ଧ ଜିଲ୍ଲା ପାଲଝରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଦ୍ୱାଦଶତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥିଭାବେ ଚିପିଲିମା କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟର କୁଳପତି ତଥା ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ତରାଇ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ।

Boudh

## ବାବା କପ୍

ବୌଦ୍ଧ ଜିଲ୍ଲା ସର୍‌ସରା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବାବା ବୈଦ୍ୟନାଥ ଯୁବକ ସଂଘ ପକ୍ଷରୁ ଚାଲିଥିବା ବାବା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଫ୍ରେଣ୍ଡ୍ ପାରାଡାଇଜ୍ ଓ ଭଞ୍ଜନଗର ସି.ବି. ଫୁଟବଲ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱର ଦଳ ୨-୧ ଗୋଲ୍‌ରେ ବିଜୟୀ ହୋଇ ଚମ୍ପିଆନ ହୋଇଛି ।

BHK/Baragarh/Nayagarh/Nuapada/Deogarh/Suabarnpur/Boudh/

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପଞ୍ଚାୟତ ସମିତି ଅର୍ନ୍ତଗତ ବାଙ୍କିଘିରଡ଼ି ଗ୍ରାମ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ନୃପରାଜ ସାହୁ ଏବଂ

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ. ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି।

ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୨ଟି ଅଭିଯୋଗର ଶୁଣାଣି ହୋଇଛି।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ମୋଟ ୮୪ଟି ଅଭିଯୋଗର ପଞ୍ଜୀକରଣ ହୋଇଥିଲା। ଅଭିଯୋଗଗୁଡ଼ିର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୪ଟି ଆବେଦନର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣିରେ ୭୩ଟି ଅଭିଯୋଗର ଶୁଣାଣି କରାଯାଇଛି।

ବରଗଡ଼ ଭଟ୍‌ଲି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ୧୮ଟି ଅଭିଯୋଗର ଶୁଣାଣି

ହୋଇଥିବା ବେଳେ ତୁରନ୍ତ ଏହାର ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଧାମନଗର ବ୍ଲକ ହସ୍‌ନାବାଦ ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ୧୭୬ଟି ଅଭିଯୋଗର ଶୁଣାଣି କରିବା ସହିତ ୫ ଜଣଙ୍କୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପାଇଁ ନିର୍ଦ୍ଦେଶ ଦେଇଥିଲେ।